# ବଢୁଛି ହାତୀ ଜନିତ କ୍ଷୟକ୍ଷତି

ବଇଣ୍ଡା,୪।୫(ପରିକ୍ଷିତ ସାହୁ)



■୨ ବର୍ଷରେ ଭାଙ୍ଗିଛି ୩୮୫ ଘର
■୯୫୦ ଏକରରେ ଉଜାଡ଼ିଛି ଫସଲ
■କ୍ଷତିପୂରଣ ମିଳୁ ନ ଥିବାରୁ ଅସନ୍ତୋଷ

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ନିକଟସ୍ଥ ଜଙ୍ଗଲରୁ ଚାଲି ଆସୁଥିବା ହାତୀ ଜମି ଓ ବାଡ଼ିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଏପରି କି ଗାଁ ଭିତରେ ପଶି ଘର ଭାଙ୍ଗି ଦେଉଥିବାରୁ ଲୋକେ ବାଧହୋଇ ରାତି ଉଜାଗର ହୋଇ ଜଗି ରହୁଛନ୍ତି। ହାତୀ ଘଉଡ଼ାଇବାରେ ବନ ବିଭାଗ କର୍ମଚାରୀମାନେ ସମ୍ପୂର୍ଣ୍ଣ ସଫଳ ହୋଇପାରୁ ନ ଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ବାରମ୍ବାର ହାତୀପଲ ଧଣ୍ଡାତୋପା ରେଞ୍ଜକୁ ଆସୁଥିବାବେଳେ ଲୋକେ ଭୟଭୀତ ଅବସ୍ଥାରେ ଥିବା ଅଭିଯୋଗ କରୁଛନ୍ତି।

୨୨ ହଜାର ୮୯୪ ହେକ୍ଟର ବିଶିଷ୍ଟ ଧଣ୍ଡାତୋପା ରେଞ୍ଜ ଆଖପାଖରେ ରହିଛି ୮ ଟି ପଞ୍ଚାୟତ। ଏହି ରେଞ୍ଜରେ ବହୁ ଜଙ୍ଗଲ ଥିବାବେଳେ ସେଗୁଡିକରୁ କାଠ ମାଫିଆମାନେ ଲଗାତର ଗଛ କାଟି ନେଉଛନ୍ତି। ଫଳରେ ଅନେକ ଜଙ୍ଗଲ ପଦା ହେବାକୁ ବସିଲାଣି। ସାତକୋଶିଆ ଓ ଆଠମଲ୍ଲିକ ଜଙ୍ଗଲରୁ ଅନେକ ସମୟରେ ହାତୀମାନେ ଏହି ରେଞ୍ଜକୁ ଆସି ଖାଦ୍ୟାଭାବ ଯୋଗୁ ବିଭିନ୍ନ ଗ୍ରାମରେ ପଶି ଉପଦ୍ରବ ଚଳାଉଛନ୍ତି। କିଛି ଦିନ ହେବ ୫ ରୁ ୬ଟି ହାତୀ ଧଣ୍ଡାତୋପା ରେଞ୍ଜ ଅଧୀନ ବିପ୍ରଡିହ, କେଞ୍ଝୁଆନାଳି, ଖଟିକିବାହଲ, ମଇମୁରା, ତରଣ୍ଡା, କଂସାବ, କୋରାବ, ରାମପୁର, ଘଣାଯୋଡି, ପିତାବଳିବାହଲ, କଳିଛି କଟା, ଗୋପପୁର ଆଦି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ବାଡ଼ି ବଗିଚାରେ ପଶି ଗଛ ଗୁଡିକ ନଷ୍ଟ କରିବା ସହ ଫସଲ ଦଳି ଚକଟି ଦେଉଛନ୍ତି। ଏପରିକି ଘର ଭାଙ୍ଗିବା ସହ ଘରେ ଥିବା ଧାନ ଆଣି ଖାଉଛନ୍ତି। ଏକ ସଙ୍ଗରେ ୫ରୁ ଊର୍ଦ୍ଧ୍ୱ ହାତୀ ଆସୁଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ନିଆଁ ହୁଳା କରି ରାତ୍ରି ଉଜାଗର ରହୁଛନ୍ତି। ବର୍ଷ ତମାମ ହାତୀ ଏହି ରେଞ୍ଜରେ କ୍ଷୟକ୍ଷତି ଘଟାଉଥିବା ବେଳେ ବନବିଭାଗ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ୨୦୨୧ ରୁ ୨୦୨୩ ଡିସେମ୍ବର ମଧ୍ୟରେ ହାତୀ ଏହି ରେଞ୍ଜରେ ୩୮୫ଟି ଚାଳ ଘର ସହ ଆଜବେଷ୍ଟ ଘର ଭାଙ୍ଗିଥିବାବେଳେ ୮ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି ୯୫୦ ଏକର ଜମିରେ ଧାନ, ୪୮୫ ଏକରରେ ପରିବା ଚାଷ, ୨୮୦ ଏକରରେ ଲାଗିଥିବା ଆମ୍ବ, ପଣସ, ଆଖୁ ଭଳି ଚାଷ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବନବିଭାଗକୁ ଅଭିଯୋଗ କରାଗଲେ ମଧ୍ୟ କୌଣସି କ୍ଷତିପୂରଣ ମିଳୁ ନ ଥିବା କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। କେତେଜଣ ଚାଷୀ ଜନସେବା କେନ୍ଦ୍ର ଜରିଆରେ ଏଥିପାଇଁ ଆବେଦନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧଣ୍ଡାତୋପା ରେଞ୍ଜରେ ବାରମ୍ବାର ହାତୀ ଉପଦ୍ରବ ଯୋଗୁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଏକ ସ୍ଥାୟୀ ସମାଧାନ କରିବା ପାଇଁ ଫେବୃଆରୀ ୨୦୨୩ ରେ ଅନୁଗୋଳ ଜିଲାପାଳ, ଆଠମଲ୍ଲିକ ଡିଏଫଓ, ରାଜ୍ୟ ଜଙ୍ଗଲ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ସମାଧାନ ମିଳୁନାହିଁ। ତୁରନ୍ତ ଏଥିପ୍ରତି ବନ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ହାତୀ ଉପଦ୍ରବ ରୋକିବା ସହ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ଉଚିତ କ୍ଷତିପୂରଣ ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କୁହନ୍ତି, ହାତୀ ଘଉଡାଇବା ପାଇଁ ପଦକ୍ଷେପ ନିଆଯାଉଛି।

## ଜିଲାରେ ନାମାଙ୍କନ କଲେ ୫ ପ୍ରାର୍ଥୀ

ଅନୁଗୋଳ,୪।୫
(ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ଶନିବାର ୫ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପାଲଲହଡ଼ାରେ ମାନସ ଲୋକଶକ୍ତି ଦଳର ଜଗନ୍ନାଥ ଦେହୁରୀ ନାମାଙ୍କନ କରିଥିବାବେଳେ ଭାଜପାର ଅଶୋକ ମହାନ୍ତି ମଧ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିଭଳି ତାଳଚେର ନିର୍ବାଚନମଣ୍ଡଳୀରେ ଏସ୍‌ୟୁସିଆଇ ପକ୍ଷରୁ ପ୍ରହଲ୍ଲାଦ ଚନ୍ଦ୍ର ସାହୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନୁଗୋଳ ନିର୍ବାଚନମଣ୍ଡଳୀରେ ବ୍ରଜ କିଶୋର ନାହାକ ତାଙ୍କ ସମର୍ଥକଙ୍କୁ ଧରି ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିଭଳି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନାୟକ ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଠମଲ୍ଲିକରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



## ପାର୍ଥିପତ୍ର ଦାଖଲ କଲେ ଅଶୋକ

ପାଲଲହଡ଼ା,୪।୫ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ବିଧାନସଭା ଆସନ ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ଶନିବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ରାମ ମନ୍ଦିର ଠାରୁ ଦଳୀୟ କର୍ମୀ ଏବଂ ସମର୍ଥକଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପାଲଲହଡା ସହର ପରିକ୍ରମା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କପତ୍ର ଦାଖଲ କରିଥିଲେ। ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ପତି ନାମାଙ୍କନପତ୍ର ଗ୍ରହଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା’ ବସନ୍ତମଞ୍ଜରୀ ପ୍ରଧାନ ନାମାଙ୍କନ ଦାଖଲ ସମୟରେ ଉପସ୍ଥିତ ରହି ଅଶୋକଙ୍କ ମନୋବଳ ବୃଦ୍ଧି କରିଥିବା ବେଳେ ଭାଜପା ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଅଶୋକଙ୍କ ସହିତ ଶୋଭାଯାତ୍ରାରେ ଯୋଗଦେଇ ଥିଲେ। କଣିହାଁ ଓ ପାଲଲହଡା ଅଞ୍ଚଳର ସମସ୍ତ ବରିଷ୍ଠ ଭାଜପା ନେତାମାନେ ଉପସ୍ଥିତ ଥିଲେ। ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ସହସ୍ରାଧିକ କର୍ମୀ ଏବଂ ସମର୍ଥକ ଶୋଭାଯାତ୍ରାରେ ଯୋଗ ଦେଇଥିବା ବେଳେ ବାଣ, ବାଜା ସାଙ୍ଗକୁ ଜୟ ଶ୍ରୀରାମ ନାରାରେ ସହର ପ୍ରକମ୍ପିତ ହୋଇଥିଲା।



ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ଅଶୋକ ମହାନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

ବଇଣ୍ଡା,୪।୫(ପରିକ୍ଷିତ ସାହୁ)

ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତବିଭାଗ ରାସ୍ତାର କରଡ଼ାବଣି ନିକଟରେ ଗୁରୁବାର ରାତିରେ ଏକ ଗାଡି ଧକ୍କାରେ କରଡ଼ାବଣି ଅଞ୍ଚଳର ଟଙ୍କ ପ୍ରଧାନ ଗୁରୁତର ହୋଇଛନ୍ତି। ଟଙ୍କ ଏକ ବାଇକ ଯୋଗେ କାମ ସାରି ଘରକୁ ଫେରୁଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ନମ୍ବର ୧୭୫/୨୪ ରେ ଏକ ମାମଲା ରୁଜୁ କରିଛି।

## ବିଦେଶୀ ମଦ ଜବତ, ଜଣେ ଗିରଫ

ଛେଣ୍ଡିପଦା,୪।୫(ଅଜିତ ଧଳ)

ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମର ଏକ ତେଜରାତି ଦୋକାନରେ ପୋଲିସ ଚଢ଼ାଉ କରି ୨୧ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ସନ୍ତରାବନ୍ଧ ଗ୍ରାମର ମିଳନ ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ ୨୩୦/୨୪ରେ ଏକ ମାମଲା ରୁଜୁ ହୋଇଛି।

## ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟିନେଲେ ଟଙ୍କା

ଅନୁଗୋଳ,୪।୫(ଅମିତ ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଜଣେ ଦଲାଲ ବୃଦ୍ଧ ଦମ୍ପତିଙ୍କଠାରୁ ୨୫୦୦ ଟଙ୍କା ଲୁଟି ନେଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ବଇଣ୍ଡା ଫାଣ୍ଡି ବଡହୁଲା ଗ୍ରାମର ଗୋବର୍ଦ୍ଧନ ସାହୁ ତାଙ୍କ ସ୍ତ୍ରୀ ଶୁକାନ୍ତି ସାହୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରକ୍ତ ପରୀକ୍ଷା କରିବା ପାଇଁ ଆସିଥିଲେ। ସେଠାରେ ଥିବା ଜଣେ ଦଲାଲ କୌଶଳକ୍ରମେ ବୃଦ୍ଧ ଦମ୍ପତିଙ୍କଠାରୁ ୨୫୦୦ ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## କୂଅରୁ ଯୁବକ ଉଦ୍ଧାର

ଅନୁଗୋଳ,୪।୫(ଅମିତ ସାମଲ)



ଅନୁଗୋଳ ଟାଉନ ଥାନା ତୁରଙ୍ଗ ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ଯୁବକଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ସେ ହେଲେ ପବନା ନାଏକ। ପବନା କୂଅରେ ପଡିଥିବା ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାର ଅଧିକାରୀ ସୁକାନ୍ତ ନାଥଙ୍କ ନେତୃତ୍ୱରେ ସୁଧିର କୁମାର ବେହେରା, ଦୀପ୍ତିରଞ୍ଜନ ବେହେରା, ସମୀର ସେଠୀ ପ୍ରମୁଖ ପହଞ୍ଚି ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ଜଳିଗଲା ୨ ବଖରା



ଅନୁଗୋଳ,୪।୫(ଅମିତ ସାମଲ)

ଅନୁଗୋଳ ଟାଉନ ଥାନା ସୁସୁଡାରେ ଅଗ୍ନିକାଣ୍ଡ ଘଟି ପତିତପାବନ ପ୍ରଧାନଙ୍କ ୨ ବଖରା ଘର ଜଳିଯାଇଛି। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଅଗ୍ନିକାଣ୍ଡରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୟକ୍ଷତି ହୋଇଥିବା ବିଭାଗ ପକ୍ଷରୁ ଆକଳନ କରାଯାଇଛି।

## ଓଡ଼ିଶା ସ୍ୱାଭିମାନର ପ୍ରତୀକ ଥିଲେ ମଧୁସୂଦନ

ତାଳଚେର,୪।୫(ମନୋଜ ନନ୍ଦ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୪୪ତମ ଆଭାସି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ସନ୍ତୋଷ କୁମାର ମହାପାତ୍ର ଓଁକାର ବନ୍ଦନା ଗାନ କରିଥିଲେ। ଆଲୋଚକ ଭାବେ ପ୍ରାବନ୍ଧିକ ତଥା ଅବସରପ୍ରାପ୍ତ ପ୍ରଫେସର ଡ.ପ୍ରଦୀପ୍ତ କୁମାର ବାରିକ ‘ମଧୁସୂଦନ ଦାସଙ୍କ ଜୀବନ ଓ ଦର୍ଶନ’ ଶୀର୍ଷକ ଆଭାସୀ ଆଲୋଚନାଚକ୍ରରେ ଯୋଗଦେଇ କହିଥିଲେ, ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଶାର ସ୍ୱାଭିମାନର ପ୍ରତୀକ। ସେ କେବଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବରେଣ୍ୟ କର୍ଣ୍ଣଧାର ନ ଥିଲେ, ତତ୍କାଳୀନ ଓଡ଼ିଶାରେ ଶିଳ୍ପ ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ପ୍ରଦେଶ ନିର୍ମାଣ ଲାଗି ସ୍ୱପ୍ନ ଦେଖିଥିଲେ। ସେ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ, ସମାଜ ସୁଧାରକ, ଓଡ଼ିଆ ଭାଷା, ସାହିତ୍ୟର ସାଧକ ଓ ଉପାସକ ଥିଲେ। ସଂସଦର ସଂଚାର ଓ ସମନ୍ୱୟ ସଦସ୍ୟ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥଲେ। ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଞ୍ଜିତା ତ୍ରିପାଠୀ ଶାନ୍ତିପାଠ କରିଥିଲେ। ଶାଖା ଉପସଭାପତି ପ୍ରତାପ ତ୍ରିପାଠୀ, ଡ.ଚୈତନ୍ୟ ସାହୁ, ହରେକୃଷ୍ଣ ଗିରି, ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ, ଡ.ବିଶ୍ୱଜିତ ଖମାରୀ, ବିପିନ ଶତପଥୀ, ପ୍ରଭାତ ନଳିନୀ ଦାସ, ସଂକର୍ଷଣ ଶତପଥୀ, ବିପିନ ଶତପଥୀ, ଗତିକୃଷ୍ଣ ପାଣିଗ୍ରାହୀ, ପ୍ରମୋଦ ପାଢୀ, ଉମାକାନ୍ତ ପଣ୍ଡା, ଜୟଶ୍ରୀ ଶତପଥୀ, ନିର୍ମଳ ମହାପାତ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।

## ଶିଶୁମନ୍ଦିରରେ ସଙ୍କୁଳସ୍ତରୀୟ ବୈଠକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ତାଳଚେର,୪।୫(ମନୋଜ ନନ୍ଦ)

ତାଳଚେର ବ୍ରାହ୍ମଣୀବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଳଚେର ଓ ଦୀପଶିଖା ସଙ୍କୁଳ ଅନ୍ତର୍ଗତ ୧୭ଟି ଶିଶୁମନ୍ଦିରର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ସଙ୍ଗଠନ ସମ୍ପାଦକ ତାରକା ଦାସ ସରକାର ଯୋଗ ଦେଇଥିଲେ। ତାଳଚେର ସଙ୍କୁଳ ସଂଯୋଜକ ହେମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ମଧ୍ୟସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁମନ୍ଦିରଗୁଡ଼ିକର ଶୈକ୍ଷିକ ବ୍ୟବସ୍ଥାର ଗୁଣାତ୍ମକ ମାନ ବୃଦ୍ଧି ସହ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଓ ଢେଙ୍କାନାଳ ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର ପରିଚାଳନା କରିଥିଲେ। ତାଳଚେର ଶିଶୁ ମନ୍ଦିରର ସମ୍ପାଦକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୬୫୦ ଲିଟର ଦେଶୀ ମଦ ଜବତ

କଣିହାଁ,୪।୫(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଥାନା ପୋଲିସ, ଅବକାରୀ ବିଭାଗ ଓ ସ୍ୱତନ୍ତ୍ର ପୋଲିସ ଟିମ୍‌ର ମିଳିତ ଉଦ୍ୟମରେ ଶନିବାର ସାପକଟା ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ସହିତ ତାଳପଦା ପଞ୍ଚାୟତ କିଆଖାର ଗ୍ରାମ ଜଙ୍ଗଲରେ ଚଢାଉ ହୋଇଥିଲା। ଘଟଣା ସ୍ଥଳରୁ ଅନେକ ପଳାଇଥିବାବେଳେ ଜଣେ ବ୍ୟକ୍ତି ଧରା ପଡିଥିଲା। କିଆଖାର ଜଙ୍ଗଲରେ ଦେଶୀମଦ ରନ୍ଧାକୁ ନେଇ ଘଟଣାସ୍ଥଳରୁ ୬୫୦ ଲିଟର ମଦ ଜବତ ହୋଇଥିଲା। ଏଥିସହିତ ୫ ହଜାର କେଜିରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ କରାଯିବା ସହିତ ରନ୍ଧା ସାମଗ୍ରୀ ଜବତ କରାଯାଇଥିଲା। ଚଢାଉରେ ମାଜିଷ୍ଟ୍ରେଟ ଦାୟିତ୍ୱରେ କଣିହାଁ ଅତିରିକ୍ତ ତହସିଲଦାର ଅନୁପ କୁମାର ଗୁରୁଙ୍କ ଉପସ୍ଥିତିରେ ଆଇଆଇସି ମନୋଜ କୁମାର ପ୍ରଧାନ, ଜିଲା ଅବକାରୀ ଅଧିକାରୀ ଉମାଶଙ୍କର ସ୍ୱାଇଁ, ଅନୁପ କୁମାର, ସ୍ୱତନ୍ତ୍ର ପୋଲିସ୍ ଟିମ୍‌ର ଅଧିକାରୀ ମାନସୀ ସାହୁଙ୍କ ସମେତ ଡେରେଙ୍ଗ ଫାଣ୍ଡି ଅଧିକାରୀ ଦୁର୍ଯ୍ୟ ମହାନନ୍ଦିଆ ପ୍ରମୁଖ ସାମିଲ ହୋଇଥିଲେ।



## ମଇ ଦିବସ ପାଳିତ



ଅନୁଗୋଳ,୪।୫(ଅମିତ ସାମଲ)

ଓଡ଼ିଶା ସାମ୍ବାଦିକ ସଂଘ ସହବନ୍ଧିତ ଅନୁଗୋଳ ସାମ୍ବାଦିକ ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମଇ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଅଧିବକ୍ତା ଗଣେଶ୍ୱର ସାହୁ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ରଙ୍କ ସଂଯୋଜନାରେ ପର୍ଯ୍ୟବେକ୍ଷକ ପର୍ଶୁରାମ ଦାସ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ବୀରେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ଅନ୍ତର୍ଜାତୀୟ ଶ୍ରମିକ ଦିବସର ଅନୁଚିନ୍ତା ବିଷୟରେ ଆଲୋକପାତ କରିଥିଲେ। ଜଗନ୍ନାଥ ବେହେରା, ନିରଞ୍ଜନ ନାଏକ, ନିପୁ ଭୁଟିଆ, ପ୍ରମୁଖ ସହଯୋଗ କରିଥିଲେ।

## ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ଅନୁଗୋଳ,୪।୫(ଅମିତ ସାମଲ)

ଅନୁଗୋଳ ଜିଲା ବଅଁରପାଳ ଥାନା ଗୋତମରା ଅଞ୍ଚଳରେ ଚୋରି ହୋଇଛି। ଏ ନେଇ ବଅଁରପାଳ ଥାନାରେ ସୁନିତା ସ୍ୱାଇଁ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୧୯/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତ ମାସରେ ସୁନିତା ଘରେ ଶୋଇଥିବା ସମୟରେ ତାଙ୍କ ଘରେ କେତେଜଣ ଦୁର୍ବୃତ୍ତ ପଶି ସୁନାମୁଦି, ହାର, ଚେନ, କାନଫୁଲ, ବାହୁଟି, ଶଙ୍ଖା ଆଦି ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ଅଂଶୁଘାତରେ ମୃତ୍ୟୁ ଆଶଙ୍କା

ଅନୁଗୋଳ,୪।୫ (ଅମିତ କୁମାର ସାମଲ)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅନ୍ତର୍ଗତ ନଣ୍ଡିଲୋ ଗ୍ରାମର ଜଣେ ବ୍ୟକ୍ତି ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ମୃତ୍ୟୁ ଘଟିଥିଲା। ଅଂଶୁଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ସୂଚନା ମୁତାବକ, ନଣ୍ଡିଲୋ ଗ୍ରାମର ପ୍ରଫୁଲ୍ଲ ଅମାନ୍ତ (୬୪) ଶନିବାର ସକାଳ ୯ଟା ସମୟରେ ଗାଁ ପାଖରେ ଥିବା ମନ୍ଦିରକୁ ଚାଲିଚାଲି ଯାଉଥିବା ବେଳେ ହଠାତ ଖସିପଡିଥିଲେ। ତାଙ୍କୁ ପ୍ରଥମେ ବଅଁରପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

## ତନିସ୍କର ରିଭା କଲେକ୍ସନ୍

ଅନୁଗୋଳ,୪।୫ (ଅମିତ କୁମାର ସାମଲ)

ତନିସ୍କ ଅନୁଗୋଳ ପକ୍ଷରୁ ଅକ୍ଷୟ ତୃତୀୟା ଓ ବିବାହ ଋତୁ ପାଇଁ ଏକ ସ୍ୱତନ୍ତ୍ର ଗହଣା କଲେକ୍ସନ ରିଭା ଉନ୍ମୋଚନ ହୋଇଛି। ଅନୁଗୋଳର ଏକ ହୋଟେଲ୍‌ରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ତନିସ୍କର ବିଜନେସ୍ ଆସୋସିଏଟ୍ ମାଣିକ ହଂସ ଓ ଓଡ଼ିଶାର ଏରିଆ ମ୍ୟାନେଜର ଅରିୟନ୍ଦୁ ବୁନ୍ଦେଲ ଉପସ୍ଥିତ ଥିଲେ। ରିଭା କଲେକ୍ସନ୍‌ରେ କନ୍ୟାମାନଙ୍କ ବ୍ରାଇଡାଲ ଲୁକ୍‌କୁ ବଢ଼ାଇଥାଏ। ଏଥିସହ ଆଞ୍ଚଳିକ ଡିଜାଇନ୍ ମଧ୍ୟ ରିଭାରେ ପ୍ରତିଫଳନ ହୋଇଥାଏ। ସୁନା, ହୀରା, ଗ୍ଲାସ କୁନ୍ଦନ ଏବଂ ପୋଲ୍କିକୁ ନେଇ ରିଭା ଗହଣା ସମ୍ଭାର ଗ୍ରାହକଙ୍କ ନିକଟରେ ପରଷିଥାଏ, ଯାହାକି ବାହାଘର ସମୟରେ କନ୍ୟାମାନଙ୍କ ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ। ସୁନା ହାର ଠାରୁ ଆରମ୍ଭ କରି ଲମ୍ବା ହାରାମ, ନଥ, ମଥା ମଣି, ସୁନା ଚାନ୍ଦ ଏବଂ କପାଳରେ ରେଗାଲ୍ ମୁକୁଟ୍ ଆଦି ତନିଷ୍କ ଶୋ’ରୁମ୍‌ରେ ଉପଲବ୍ଧ ଅଛି ବୋଲି କୁହାଯାଇଛି। ଅକ୍ଷୟ ତୃତୀୟା ପାଖରୁ ଆରମ୍ଭ କରି ବିବାହ ଋତୁରେ ଗ୍ରାହକଙ୍କୁ ସୁନା ଏକ୍ସଚେଞ୍ଜ ପ୍ରୋଗାମ ମଧ୍ୟ କରାଯାଇ ସୁବିଧା ପ୍ରଦାନ କରାଯାଉଛି। ପୁରୁଣା ସୁନାକୁ ଗ୍ରାହକମାନେ ବଦଳାଇଲେ ଶତ ପ୍ରତିଶତ ମୂଲ୍ୟ ପାଇପାରିବେ। ଏହି ସୁବିଧା ଗୋଟିଏ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ତନିସ୍କର ବିଜନେସ ଆସୋସିଏଟ୍ ମାଣିକ ହଂସ କହିଛନ୍ତି। ସେହିଭଳି ଗ୍ରାହକମାନେ ସୁନା ଓ ହୀରା କିଣିଲେ ଏଥିରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଇପାରିବେ ବୋଲି ସେ କହିଛନ୍ତି। ଓଡ଼ିଶାରେ ଅଦ୍ୟାବଧି ତନିସ୍କର ୧୬ଟି ଶୋ’ ରୁମ୍ ରହିଛି। ତେଣୁ ଗ୍ରାହକମାନେ ଯେଉଁଠାରେ ଚାହିଁବେ ସୁନା କିମ୍ବା ହୀରା କିଣିଲେ ସେମାନଙ୍କୁ ସମାନ ସୁବିଧା ମିଳିବ ବୋଲି ହଂସ ପ୍ରକାଶ କରିଛନ୍ତି।



# ଏମ୍‌ପି, ବିଧାୟକ ପାଇଁ ୭ ସ୍ୱାଧୀନ ପ୍ରାର୍ଥିପତ୍ର ଦାଖଲ

ଢେଙ୍କାନାଳ,୪।୫(ରତନ ନାୟାର)/ କାମାକ୍ଷାନଗର (ସୁଧୀର ପରିଡ଼ା)

ଢେଙ୍କାନାଳରେ ଶନିବାର ଏମ୍‌ପି ପାଇଁ ଜଣେ ଓ ଢେଙ୍କାନାଳ ବିଧାନସଭା ଆସନ ପାଇଁ ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ କରିଥିବା ସମ୍ପୃକ୍ତ ୩ଜଣ ସ୍ୱାଧୀନ ପ୍ରାର୍ଥୀ ବୋଲି ଦର୍ଶାଇଛନ୍ତି। ଏମ୍‌ପି ପାଇଁ ତାଳଚେର ଅଞ୍ଚଳର ଆଇନଜୀବୀ ଜନାର୍ଦ୍ଦନ ନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ୨ ସେଟ୍ ପ୍ରାର୍ଥିପତ୍ର ଜିଲାପାଳ ତଥା ରିଟର୍ନିଂ ଅଫିସର ଅମ୍ରିତ ଋତୁରାଜଙ୍କ ନିକଟରେ ଦାଖଲ କରିଛନ୍ତି। ସେହିପରି ଢେଙ୍କାନାଳ ବିଧାନସଭା ଆସନ ପାଇଁ ବିକାଶ ନାୟକ ଓ ଉତ୍ତମ ମହାନ୍ତି ସ୍ୱାଧୀନ ପ୍ରାର୍ଥୀ ଭାବେ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସପନ କୁମାର ନନ୍ଦଙ୍କ ନିକଟରେ ଦାଖଲ କରିଛନ୍ତି। ସେହିପରି ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ଆସନ ନିମନ୍ତେ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ଓ କାମାକ୍ଷାନଗର ପାଇଁ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପରଜଙ୍ଗ ପାଇଁ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଭୂଷଣ ବାରିକ ଓ ଅଜୟ ବିଶ୍ୱାଳ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଅନୀତା ପାତ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିଭଳି କାମାକ୍ଷାନଗର ପାଇଁ ଅବସରପ୍ରାପ୍ତ ପ୍ରଶାସକ ଶରତ ନାୟକ ଓ ତୁଳସୀ ସାହୁ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ନାରାୟଣଚନ୍ଦ୍ର ନାୟକଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।


ସ୍ୱାଧୀନ ପ୍ରାର୍ଥୀ ଭାବେ ଜନାର୍ଦ୍ଦନ ନାୟକ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ଭାବେ ବିକାଶ ନାୟକ ଓ ଉତ୍ତମ ମହାନ୍ତି ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ

ଢେଙ୍କାନାଳ,୪।୫(ରତନ ନାୟାର)

ଢେଙ୍କାନାଳ ଇସ୍କନ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଶ୍ରୀମଦ୍ ଭାଗବତ କଥାର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ପ୍ରଥମେ ସଂକୀର୍ତ୍ତନ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ଏକାମ୍ର କାନନର ମହାତ୍ମ୍ୟ, ଆଦି ନୃସିଂହ ଦେବଙ୍କ ମହାତ୍ମ୍ୟ ଏବଂ ଶିବଙ୍କ ଦ୍ୱାରା ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କୁ ଅଶ୍ୱମେଧ ଯଜ୍ଞ କରିବାର ଆଦେଶକୁ ସମ୍ପୂର୍ଣ୍ଣ କଥା ସେ ପ୍ରବଚନ ମାଧ୍ୟମରେ କହିଥିଲେ। ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ବହୁ ପୁରାତନ ନୃସିଂହ ଦେବଙ୍କ ମନ୍ଦିର ଯାହାକି ବିଶ୍ୱକର୍ମାଙ୍କ ପୁତ୍ରମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଏହାକୁ ନାରଦ ମୁନି ସ୍ଥାପନ କରିଥିବା କଥା ମଧ୍ୟ ସେ ଆଲୋଚନା କରିଥିଲେ। ଶେଷରେ ପ୍ରଶ୍ନୋତ୍ତର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରବଚନ ଶୁଣିଥିଲେ। ପରେ ବିଶେଷ ଏକାଦଶୀ ପ୍ରସାଦ ବିତରଣ କରାଯାଇଥିଲା ବୋଲି ଢେଙ୍କାନାଳ ଇସ୍କନ ମୁଖ୍ୟ ପ୍ରେମ କିଶୋର ଦାସ ସୂଚନା ଦେଇଛନ୍ତି। ରବିବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।


ଶ୍ରୀମଦ ଭକ୍ତିଗୌରବ ନାରାୟଣ ସ୍ୱାମୀ ମହାରାଜ ପ୍ରବଚନ ପ୍ରଦାନ କରୁଛନ୍ତି।

# ୨ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ,୪।୫(ରତନ ନାୟାର)

ଢେଙ୍କାନାଳ ଜିଲା ବୈଷୟିକ ଉଚ୍ଚ ବିଦ୍ୟାପୀଠ ମୋଟଙ୍ଗାର ୪ର୍ଥ ଶ୍ରେଣୀ କର୍ମଚାରୀ ମୋହନ ଚରଣ ଧୀର ଓ ନିହାଲପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ମହେଶ୍ୱର ନାୟକଙ୍କୁ ଗତ ୩୦ ତାରିଖରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ୨ କର୍ମଚାରୀଙ୍କୁ ଫାଇନାଲ ପେନସନ କାଗଜପତ୍ର ପ୍ରଦାନ କରାଯିବା ସହ ନିରାମୟ ଜୀବନ କାମନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ସେକ୍ସନ ଅଫିସର ସୁଶିଳା ମଲ୍ଲିକ, ପ୍ରିୟଦର୍ଶୀ ମିଶ୍ର ଓ ପ୍ରତାପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ୍ସ ଭୁବନେଶ୍ୱର କାର୍ଯ୍ୟାଳୟର କଣ୍ଟ୍ରୋଲର ଅଶୋକ କୁମାର ମହାନ୍ତି, ସହକାରୀ କଣ୍ଟ୍ରୋଲର ଜ୍ୟୋତିରେଖା ଦାସ, ସେକ୍ସନ ଅଫିସର ସୌମ୍ୟରଞ୍ଜନ ମୁଳିଆଙ୍କ ପ୍ରଚେଷ୍ଟାରେ ଫାଇନାଲ ପେନସନ ମଞ୍ଜୁର ହୋଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।



ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ବିଦ୍ୟୁତ୍ ବିଭାଗ ପୂର୍ବତନ କର୍ମଚାରୀଙ୍କ ପରଲୋକ

ଢେଙ୍କାନାଳ,୪।୫(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ମଙ୍ଗଳପୁର ଗ୍ରାମର ବିଦ୍ୟୁତ୍ ବିଭାଗର ପୂର୍ବତନ କର୍ମଚାରୀ ସଦାନନ୍ଦ ନାଥଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଓଡ଼ିଶା ବିଦ୍ୟୁତ ବିଭାଗ ଅନୁଗୋଳ ଜିଲା ବଁଅରପାଳ ସେକ୍ସନରେ କାର୍ଯ୍ୟକରି ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅକ୍ଷୟ କୁମାର ନାଥ, ପୁଅ ଖବରଦାତା ଜୟନ୍ତ କୁମାର ନାଥଙ୍କ ସହ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡପୁଅ ଅକ୍ଷୟ କୁମାର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ହେଲିକପ୍ଟରକୁ ନେଇ ଢେଙ୍କାନାଳରେ ପୁଣି ଚର୍ଚ୍ଚା

**ସହର ଉପରେ ୬ ଥର ଚକ୍କର କାଟିଲା, ପୋଲିସ ପାଖରେ ଖବର ନାହିଁ**

ଢେଙ୍କାନାଳ,୪।୫(ରତନ ନାୟାର)

ଢେଙ୍କାନାଳ ସହର ଆକାଶ ମାର୍ଗରେ ଶନିବାର ଅପରାହ୍ନ ସାଢେ ୫ଟାରୁ ୬ଟା ୧୫ ମଧ୍ୟରେ ଏକ ହେଲିକପ୍ଟର ପ୍ରାୟ ୬ ଥର ଚକ୍କର କାଟିଥିଲା। ଏହାକୁ ଦେଖିଥିବା ସହରବାସୀଙ୍କ ମଧ୍ୟରୁ କେତେଜଣ ସେମାନଙ୍କ ମୋବାଇଲରେ ଜୁମ୍ କରି ଏହାର ଫଟୋ ଉଠାଉଥିବା ଦେଖାଯାଇଥିଲା। ହେଲିକପ୍ଟରଟି କାହିଁକି ଏପରି ଚକ୍କର କାଟୁଥିଲା ଏବଂ କେଉଁଠୁ ଆସିଥିଲା, ସେ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ମିଳିନାହିଁ। ଏପରିକି ପୋଲିସ ନିକଟରେ ମଧ୍ୟ କୌଣସି ସୂଚନା ନାହିଁ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାତ ସାହ କହିଛନ୍ତି। ହେଲିକପ୍ଟରଟି ଢେଙ୍କାନାଳ ସହରର ମହିଷାପାଟ, କଲେଜ ଓ କୁଞ୍ଜକାନ୍ତ ଅଞ୍ଚଳ ଉପର ଦେଇ ବାରମ୍ବାର ବୁଲିବା ଚର୍ଚ୍ଚାର ବିଷୟ ହୋଇଛି। ପରେ ହେଲିକପ୍ଟରଟି ଆକାଶ ମାର୍ଗରେ ଭୁବନେଶ୍ୱର ଆଡକୁ ମୁହାଁଇଥିବା ଦେଖାଯାଇଥିଲା। ସୂଚନାଯୋଗ୍ୟ, ଦୁଇଦିନ ତଳେ ଢେଙ୍କାନାଳ ସହର ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡିଆରେ ସକାଳ ୬ଟା ୧୦ରେ ହଠାତ୍ ଏକ ହେଲିକପ୍ଟର ଓହ୍ଲାଇବାରୁ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।


ଢେଙ୍କାନାଳ ସହର ଉପରେ ଚକ୍କର କାଟୁଛି ହେଲିକପ୍ଟର।

# ଭାଜପାରେ ମିଶିଲେ ଘାଗରାମୁଣ୍ଡା ସମିତି ସଭ୍ୟା

କାମାକ୍ଷାନଗର,୪।୫(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ସମିତିସଭ୍ୟା ପଦ୍ମିନୀ ବେହେରା ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ପଦ୍ମିନୀ ପ୍ରକାଶ କରିଛନ୍ତି।
ଏହି ମିଶ୍ରଣ ପର୍ବରେ କଙ୍କଡାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ସନ୍ତୋଷ ସାହୁ, ଯୁବ ନେତା ରାଜେଶ ଦେହୁରୀ ଉପସ୍ଥିତ ଥିଲେ।


ଭାଜପାରେ ସାମିଲ ହୋଇଥିବା ସମିତି ସଭ୍ୟାଙ୍କ ସହ ଦଳୀୟ ନେତାମାନେ।

# ଗାୟତ୍ରୀ ପାଲା ମଣ୍ଡପରେ ବାଦୀପାଲା ମହୋତ୍ସବ



ଭୁବନ,୪।୫(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଗାୟତ୍ରୀ ପାଲା ମଣ୍ଡପଠାରେ ବୁଧବାରଠାରୁ ୩୬ ତମ ବାଦିପାଲା ମହୋତ୍ସବ ଅନୁଷ୍ଠିତ ହେଉଛି। ଚଳିତବର୍ଷ ନରସିଂହପୁରର ଗାୟକ ପୀୟୂଷ ସତ୍ୟନାରାୟଣ ଜେନା ଓ ପୁରୀ ବ୍ରହ୍ମଗିରିର ତତ୍ତ୍ୱ ବିଭୀଷଣ ଜୟକୃଷ୍ଣ ବଡଦଳେଇ ଯୋଗ ଦେଇଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ପୁରାଣ, ଉପନିଷେଦ, ସାହିତ୍ୟ, ସଂସ୍କୃତ ଓ ବିଜ୍ଞାନ ଉପରେ ଆଧାରିତ ଚର୍ଚ୍ଚା ହେଉଛି। ପାଲା ଦେଖିବାକୁ ଭୁବନ ଓ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରୋତା ଉପସ୍ଥିତ ରହି ଉପଭୋଗ କରୁଛନ୍ତି। ଏହି ପାଲାକୁ ପରିଚାଳନା କମିଟି ସଭାପତି ହୃଷୀକେଶ ସାହୁ, ସମ୍ପାଦକ ନରେନ୍ଦ୍ର କୁମାର୍ ସାହୁ, ବରିଷ୍ଠ କର୍ମକର୍ତ୍ତା ବିଶ୍ୱନାଥ ସାହୁ, ବ୍ରହ୍ମାନନ୍ଦ ସାହୁ, ଅଜୟ ସେଠୀ, ସୁରେଶ ସାହୁ, ଯୁବରାଜ ସାଥୁଆ ମହାପାତ୍ର ଓ ରତିକାନ୍ତ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଛନ୍ତି। ପରିଷଦ ପକ୍ଷରୁ ପ୍ରତ୍ୟେକ ଦିନ ଶ୍ରୋତାମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି।

# ନିର୍ଦ୍ଦୋଷରେ ଖଲାସ ହେଲେ ଏନ୍‌ଜେନ୍ ଏସ୍‌ଡିଓ

**ଲାଞ୍ଚ ନେବା ମାମଲା**

ଢେଙ୍କାନାଳ,୪।୫(ରତନ ନାୟାର)

୨୦୧୭ରେ ଢେଙ୍କାନାଳ ଜିଲା ଏନ୍‌ଜେନ୍ ଗଁଦିଆ ସେକ୍ସନରେ କାର୍ଯ୍ୟରତ ଥିବା ଏସ୍‌ଡିଓ ରାକେଶ ରଞ୍ଜନ ରାୟ ଏକ ଲାଞ୍ଚ ନେବା ମାମଲାରେ ନିର୍ଦ୍ଦୋଶ ସାବ୍ୟସ୍ତ ହୋଇଛନ୍ତି। ଶନିବାର ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ପ୍ରଣତୀ ଶାହା ଉକ୍ତ ମାମଲାର ଅଭିଯୁକ୍ତ ଏନ୍‌ଜେନ୍ ଏସ୍‌ଡିଓ ରାକେଶ ରଞ୍ଜନ ରାୟଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ମାମଲାରୁ ଜଣାପଡିଛି, ୧୮ ମେ ୨୦୧୭ରେ ଗଁଦିଆ ଥାନା କୁସିଦା ଗ୍ରାମର ଅକ୍ଷୟ କୁମାର ନାଥଙ୍କ ଏକ ଗଭୀର ନଳକୂପ ଖୋଳିବା ପାଇଁ ବିଦ୍ୟୁତ୍ ସଂଯୋଗ ଦେବା ନିମନ୍ତେ ଏନ୍‌ଜେନ୍ ଏସ୍‌ଡିଓ ତାଙ୍କ ଠାରୁ ୫ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ପକ୍ଷରୁ ନଂ. ୩୪।୧୭ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ନଂ ଟିଆର–୬।୧୮ର ବିଚାର କରି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ପ୍ରଣତୀ ଶାହା ୩୦ଟି ଦସ୍ତାବିଜ୍ ଓ ୯ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମାମଲାର ଅଭିଯୁକ୍ତ ଗଁଦିଆ ସେକ୍ସନର ତତ୍କାଳୀନ ଏନ୍‌ଜେନ୍ ଏସ୍‌ଡିଓ ରାକେଶ ରଞ୍ଜନ ରାୟଙ୍କୁ ନିର୍ଦ୍ଦୋଶରେ ଖଲାସ କରିଥିଲେ। ରାକେଶଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିକ୍ଷା ଶିବିର ଉଦ୍‌ଯାପିତ

କାମାକ୍ଷାନଗର,୪।୫(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିକ୍ଷା ଶିବିର ଶନିବାର ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ୧୦ ଦିନ ବ୍ୟାପୀ ଚାଲିଥିବା ଏହି ଶିବିରରେ ନୃତ୍ୟ, ସଂଗୀତ, ଚିତ୍ରକଳା, ମୁଖା ତିଆରି, ବର୍ଜ୍ୟବସ୍ତୁରୁ ଘର ସଜାଡିବା ସାମଗ୍ରୀ ତିଆରି, କବିତା ଓ ଗଳ୍ପ ଲିଖନ, କବିତା ଆବୃତ୍ତି, ବ୍ୟକ୍ତିତ୍ୱ ବିକାଶ, କ୍ୟାରମ ଚେସ୍, ଆଧ୍ୟାତ୍ମିକ ପ୍ରବଚନ ତାଲିମ ପ୍ରଦାନ କରାଯାଇଥିଲା। ପ୍ରତ୍ୟହ ଅଭିଜ୍ଞ ପ୍ରଶିକ୍ଷକ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ସମୁଦାୟ ୪୧୦ ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ମିଶ୍ର, ବଟକୃଷ୍ଣ ଦାସ, ଲୋକନାଥ ମିଶ୍ର, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, କୈଳାଶ ଚନ୍ଦ୍ର ପୃଷ୍ଟି, ପ୍ରିୟବ୍ରତ ପଣ୍ଡା, ବରିଷ୍ଠ ଶିକ୍ଷକ ଧ୍ୟାନଚାନ୍ଦ ମିଶ୍ର, ନାଟ୍ୟକାର ଦୀନେଶ ଦାସ, ଯୋଗ ଗୁରୁ ଶଙ୍କର୍ଷଣ ପଣ୍ଡା, ପ୍ରବଚକ ପଣ୍ଡିତ ଦିବାକର ନନ୍ଦ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, କବିତା ରାଉତ, କମ୍ପ୍ୟୁଟର ଶିକ୍ଷକ ସମରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।




# କାମାକ୍ଷାନଗର ପୋଲିସ ତରଫରୁ ଫ୍ଲାଗମାର୍ଚ୍ଚ



କାମାକ୍ଷାନଗର,୪।୫(ସୁଧୀର କୁମାର ପରିଡା)

ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ ଭାବେ କରିବା ପାଇଁ ଢେଙ୍କାନାଳ ଜିଲା କାମାକ୍ଷାନଗର ପୋଲିସ ତରଫରୁ ଶନିବାର କାମାକ୍ଷାନଗର ଏନ୍‌ଏସିର ବିଭିନ୍ନ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଓଡିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ କାମାକ୍ଷାନଗର ବିଧାନସଭା ପାଇଁ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ। କାମାକ୍ଷାନଗର ସହରର ହନୁମାନ ବଜାର, ଜଗନ୍ନାଥ ବଜାର, ଲକ୍ଷ୍ମୀ ବଜାର, କଳ୍ପନା ଛକ, ଅନନ୍ତପୁର, ପୁରୁଣା ଆଳତୁମା, ନୂଆଆଳତୁମା, ମୁଣ୍ଡିଦେଉଳି ଆଦି ଅଞ୍ଚଳରେ ପୋଲିସ ଅଧିକାରୀ, ସିଆରପିଏଫ, ଆଇଆରବି ସହ ପୋଲିସ ଫୋର୍ସର କର୍ମଚାରୀମାନେ ଫ୍ଲାଗମାର୍ଚ୍ଚ କରିଥିଲେ। ଏହି ଫ୍ଲାଗମାର୍ଚ୍ଚରେ କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏସ୍‌ଆଇ ସୌମ୍ୟରଞ୍ଜନ ମହାନ୍ତି, ଶୈଳବାଳା ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

